ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 05-12-2023**

**ଅଙ୍ଗୁଳ(ଓଡିଶା) - :2023-12-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2023-12-06 | 2023-12-07 | 2023-12-08 | 2023-12-09 | 2023-12-10 |
|---|---|---|---|---|---|
| ବର୍ଷା (ମିମି) | 7.0 | 5.0 | 5.0 | 1.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 29.0 | 30.0 | 30.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 20.0 | 21.0 | 20.0 | 18.0 | 16.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 96 | 96 | 96 | 95 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 82 | 81 | 85 | 74 | 60 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 6 | 4 | 4 | 4 |
| ପବନର ଦିଗ (ଡିଗ୍ରୀ) | 90 | 77 | 108 | 72 | 191 |
| ମେଘାଚ୍ଛନ (ଅକ୍ଟା) | 6 | 6 | 5 | 4 | 3 |

## ପାଣିପାଗ ସାରାଂଶ/ସତର୍କ:

ଆସନ୍ତା ପାଞ୍ଚ ଦିନ ମଧ୍ୟ ରେ ଅନୁଗୋଳ ଜିଲ୍ଲା ର ସମସ୍ତ ଅଞ୍ଚଳ ରେ ମଙ୍ଗଳ, ବୁଧ,ଗୁରୁ,ଶୁକ୍ରବାର ଦିନ ସାମାନ୍ୟ ବର୍ଷା ହେବା ସହ ଆକାଶ ଆଂଶିକ ରୁ ସାଧରଣତଃ ମେଘୁଆ ରହିବା ର ସମ୍ଭାବନା ରହିଛି , ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯-୩୧ °C ଏବଂ ୧୬-୨୧ °C ରହିବା ର ସମ୍ଭାବନା ରହିଛି । ପବନ ମୁଖ୍ୟତଃ ୪-୬ କିମି ପ୍ରତି ଘଣ୍ଟା ପୂର୍ବ ରୁ ଦକ୍ଷିଣଦିଗ କୁ ବହିବାର ସମ୍ଭାବନା ରହିଛି ।ସର୍ବାଧିକ ଏବଂ ସର୍ବନିମ୍ନ ଆଦ୍ରତା ଯଥା କ୍ରମେ ୯୦-୯୬ % ଏବଂ୬୦-୮୫ % ରହିବା ର ସମ୍ଭାବନା ରହିଛି ।

## ସାଧାରଣ ଉପଦେଶ:

| |
|---|
| ପନିପରିବା କ୍ଷେତରୁ ଅତ୍ୟଧିକ ଜଳ ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ । କୀଟନାଶକ ଏବଂ ଜଳସେଚନ ସାମୟିକ ଭାବେ ବନ୍ଦ ରଖନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ବର୍ଷା ଜଳ କୁ ଉପଯୋଗ କରି ଜମି ପାଗ ହେବା ପରେ ହଳ କରି ରବି ଫସଲ ଆଦି ବୁଣା ବୁଣି କରିବା ଆରମ୍ଭ କରି ଦିଅନ୍ତୁ। |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ବିଲ ରୁ ଅତ୍ୟଧିକ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ। ଧାନ ଗଛ ଶୋଇ ପଡି ଥିଲେ, ତାକୁ ହଳା କରି ଛିଡା କରନ୍ତୁ। ଧାନ ଗଛ ର ପତ୍ର ରୁ କାଦୁଅ ଆଦି ଧୋଇ ଦିଅନ୍ତୁ । ଅମଳ ହୋଇଥିବା ଧାନ କୁ ଖଳା ରେ ନ ଛାଡି ଏହାକୁ ସୁରକ୍ଷିତ ସ୍ଥାନ କୁ ଆଣି ମହଜୁଦ କରି ଦିଅନ୍ତୁ। ଯାହା ଫଳ ରେ ଲଘୁଚାପ ଜନିତ ବର୍ଷା ହେତୁ ଅମଳ ହୋଇଥିବା ଧାନ ଗଜା ହେବ ନାହି। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗୃହପାଳିତ ପ୍ରାଣୀ ମାନଙ୍କୁ ଓଦା ହେବାକୁ ଦିଅନ୍ତୁ ନାହି, ଗୁହାଳରେ ରଖନ୍ତୁ, ଗୁହାଳ ଚାରିପାଖେ ଚୂନ ପକାଇ ବିଶୋଧନ କରନ୍ତୁ। |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ପୋଖରୀ ରେ ଅମ୍ଳଜାନ ର ମାତ୍ରା ବଢାଇବା ପାଇଁ ଏକ ହେକ୍ଟର ପିଛା ୪-୫ ଟି ଏରେଟର ବ୍ୟବହାର କରନ୍ତୁ ଏବଂ ଦିନ କୁ ୪-୫ ଘଣ୍ଟା ଏରେଟର ଚଲାନ୍ତୁ। ପଥୁରି ଚୂନ କୁ ଅତ୍ୟଧିକ ବର୍ଷା ହେବା ପରେ ତୁରନ୍ତ ଏକର ପିଛା ୮୦-୧୦୦ |

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କେଜି ପ୍ରୟୋଗ କରନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | କୁକୁଡା ଖାଦ୍ୟକୁ ଓଦା ହେବାରୁ ରୋକନ୍ତୁ, ଏବଂ କୁକୁଡା ମାନଙ୍କୁ ଅତ୍ୟଧିକ ଖାଦ୍ୟ ଦିଅନ୍ତୁ ନାହି \| ଘରେ ଥିବା କୁକୁଡା ଖାଦ୍ୟ ପୁନର୍ବାର ଓଦା ନହେବା ପାଇଁ ଭୂମି ଉପରେ ଥିବା ପ୍ଲାଟଫର୍ମରେ ରଖିବା ଉଚିତ୍ \| ଏହି ଋତୁରେ ପକ୍ଷୀମାନଙ୍କୁ ପର୍ଯ୍ୟାୟକ୍ରମେ ଉଷୁମ ପାଣି ଯୋଗାଇ ଦିଅନ୍ତୁ ଯାହା ସେମାନଙ୍କୁ ଗରମ ରଖିବାରେ ସାହାଯ୍ୟ କରିବା \| |